**କାହ୍ନୁ ପାଠାଗାରର ବାରଣ୍ଡା ଟାଇଲ ଭାଙ୍ଗିଦେଲେ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସ୍ୱାମ ଶାସନର ନିର୍ମାଣାଧୀନ କାହ୍ନୁ ପାଠାଗାର ବାରଣ୍ଡାର ୧୫ରୁ ଊର୍ଦ୍ଧ୍ୱ ଟାଇଲକୁ ଦୁର୍ବୃତ୍ତ ବୁଧବାର ରାତିରେ ଭାଙ୍ଗି ଦେଇଛନ୍ତି। ଗୁରୁବାର ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ଏନ ଲୁଗୁନ ଓ ହାବିଲଦାର ରମେଶ ନାଏକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଉକ୍ତ କାର୍ଯ୍ୟଟି ୨୦୨୩-୨୪ ଆର୍ଥିକ ବର୍ଷରେ କ୍ରିଟିକାଲ ଗ୍ରାଣ୍ଟରୁ ୩ ଲକ୍ଷ ବ୍ୟୟରେ ନିର୍ମାଣ ହେଉଥିଲା। ପାଟଣା ବ୍ଲକ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଲାକାଇ ମୁର୍ମୁ କରୁଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର

ଢେଙ୍କିକୋଟ,୨୧।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ପିପିଳିଆ ପଞ୍ଚାୟତ ପିପିଳିଆ ହାଇସ୍କୁଲ ସମ୍ମୁଖରେ ବାଇକ୍ ଧକ୍କାରେ ଆନନ୍ଦପୁର ଥାନା ବରବେଡ଼ା ଗ୍ରାମର ନରହରି ନାୟକଙ୍କ ଝିଅ ମଧୁସ୍ମିତା (୧୬)ଗୁରୁତର ହୋଇଛନ୍ତି। ସେ ପିପିଳିଆ ଲକ୍ଷ୍ମୀନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରୀକ୍ଷା ଦେଇ ମେସକୁ ଫେରୁଥିବା ବେଳେ ଉକ୍ତ କଲେଜର ୩ ଛାତ୍ର ବାଇକ୍‌ରେ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଛାତ୍ରୀ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ବାଇକ ଜବତ କରିଥିବା ବେଳେ ଏନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

### ମନୋରମା ପବ୍ଲିକ ସ୍କୁଲ୍ ଛାତ୍ରଙ୍କ ସଫଳତା

ରାମଚନ୍ଦ୍ରପୁର,୨୧।୩(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ବାତୋ ପଞ୍ଚାୟତସ୍ଥିତ କରଡ଼ାପାଳ ମନୋରମା ପବ୍ଲିକ ସ୍କୁଲକୁ ସଫଳତା ମିଳିଛି। ଘଷିପୁରା ବ୍ଲକ୍ ସୁଆଁପଦା ଆଦର୍ଶ ବିଦ୍ୟାଳୟରେ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସ୍କୁଲର ତେଜସମ ପଣ୍ଡା, ହିମାଙ୍ଗନା ନାରାୟଣ ବଳ, ଆଦର୍ଶ ଜେନା, ଦିବ୍ୟଜ୍ୟୋତି ଖଟୁଆଙ୍କୁ ସଫଳତା ମିଳିଛି। ଛାତ୍ରଙ୍କ କୃତୀତ୍ୱ ପାଇଁ ସିଆରସି ପ୍ରଦ୍ୟୁମ୍ନ ବାରିକ ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲର ଅଧକ୍ଷା ମାନିନୀ ଅନୁରାଧା ଚକ୍ର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କାମନା କରିଥିଲେ।

### ବିଶ୍ୱ ବନ ଦିବସରେ ରଙ୍ଗାମାଟିଆ ପଞ୍ଚାୟତ ସମ୍ମାନିତ

ଚମ୍ପୁଆ,୨୧।୩(ମହେଶ୍ୱର ଦାସ): ବିଶ୍ୱ ବନ ଦିବସରେ ଚମ୍ପୁଆ ବ୍ଲକ୍‌ର ରଙ୍ଗାମାଟିଆ ପଞ୍ଚାୟତ ପରିବେଶ ସଚେତନତା, ବନୀକରଣ ଓ ଚାରାରୋପଣ ଦିଗରେ ବନ ବିଭାଗକୁ ସହାୟତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ ହୋଇଛି। କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟଠାରେ ବିଶ୍ୱ ବନ ଦିବସ ଉପଲକ୍ଷେ ଜିଲା ବନଖଣ୍ଡ ଅଧିକାରୀ ଡି.ଡି ହନୁମନ୍ତଙ୍କ ସଭାପତିତ୍ୱରେ ଏସିଏଫ ଅଶୋକ ଦାସ, ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ। ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ଆନୁକଲ୍ୟାରେ ବନୀକରଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସରପଞ୍ଚ ମାଧୁରୀ ନାଏକଙ୍କ ସାର୍ଟିଫିକେଟ, ଉପଢୌକନ ସହିତ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବାଲିପୋଖରୀ ପଞ୍ଚାୟତ, କାଳିକାପ୍ରସାଦ ଉଚ୍ଚ ବିଦ୍ୟାଳୟ, ତେଲକୋଇ ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ଉଖୁଣ୍ଡା ବନପାଳ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମାଲ ପରିବହନକୁ ଗୁରୁତ୍ୱ, ଯାତ୍ରୀଙ୍କୁ ଅଣଦେଖା

**ଫାଇଲ ତଳେ ଆନନ୍ଦପୁର ଦେଇ ଯଶୀପୁରକୁ ରେଳପଥ ସଂଯୋଗ ପ୍ରସ୍ତାବ**

ଆନନ୍ଦପୁର,୨୧।୩(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ଦାବିରେ ବିଭିନ୍ନ ସଙ୍ଗଠନ ଓ ଉପଖଣ୍ଡବାସୀ ଆନ୍ଦୋଳନ କରି ଆସୁଛନ୍ତି। ଏଥିସହ ରାଷ୍ଟ୍ରପତିଙ୍କଠାରୁ ଆରମ୍ଭକରି ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମାତ୍ର ଅଦ୍ୟାବଧି ଉପଖଣ୍ଡବାସୀଙ୍କ ଦାବି ପ୍ରତି କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଘୋଷଣା କରାଯାଉନାହିଁ। ବାଂଶପାଳ ବ୍ଲକ୍ ଶୁଆକାଟିରୁ କେନ୍ଦୁଝର ସଦର ବ୍ଲକ୍ ଗୋହାଳଡିହିକୁ ରେଳ ଯୋଗେ ମାଲ ପରିବହନ ପାଇଁ ରେଳପଥ ସଂଯୋଗ ପାଇଁ ଅର୍ଥ ମଞ୍ଜୁର ହୋଇଛି। ତେଣୁ କେନ୍ଦୁଝର ଜିଲାରେ କେବଳ ମାଲ ପରିବହନକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଯାତ୍ରୀ ପରିବହନକୁ ଅଣଦେଖା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର, କେନ୍ଦୁଝର ରୋଡ୍ ଷ୍ଟେଶନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲା ଯଶୀପୁରକୁ ରେଳପଥ ସଂଯୋଗ ପ୍ରସ୍ତାବ ଆଗତ ହୋଇଥିଲା। ୨୦୧୩-୧୪ରେ ରେଲୱେ ଏହି ପ୍ରକଳ୍ପକୁ ମଞ୍ଜୁର କରିଥିଲା। ଜିଲାପାଳଙ୍କଠାରୁ ରିପୋର୍ଟ ମିଳିବା ପରେ ରେଳପଥ ସଂଯୋଗ ପାଇଁ ସର୍ଭେ ହୋଇଥାନ୍ତା। ମାତ୍ର ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ଏହା ସମ୍ଭବ ହୋଇନାହିଁ। ଆନନ୍ଦପୁର ଉପଖଣ୍ଡର ୭୦ ପ୍ରତିଶତ ଜନସାଧାରଣ ରେଳଯାତ୍ରା କରିବାର ସୁଯୋଗକୁ ବର୍ଷ ବର୍ଷ ଧରି ଅପେକ୍ଷା କରି ରହିଛନ୍ତି। ମା' ଧନେଇ ସେବା ସଂଘ, ଆନନ୍ଦପୁର କ୍ରିୟାନୁଷ୍ଠାନ କମିଟି ଓ ଆନନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାରମ୍ବାର ପ୍ରତିବାଦ କରାଯାଇଥିଲେ ମଧ ଉଭୟ ଜିଲାର ଦୁର୍ବଳ ଲୋକ ପ୍ରତିନିଧିଙ୍କ ଯୋଗୁ ଆନନ୍ଦପୁରବାସୀଙ୍କ ଦାବି ପୂରଣ ହୋଇପାରୁ ନ ଥିବା ଆନନ୍ଦପୁର କ୍ରିୟାନୁଷ୍ଠାନ କମିଟି ସଭାପତି ମହେଶ୍ୱର ମିଶ୍ର ଓ ଆନନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ରମାକାନ୍ତ ନାୟକ କହିଛନ୍ତି। ଅନ୍ୟପକ୍ଷରେ ବିରୋଧ ସତ୍ତ୍ୱେ ବାଂଶପାଳ ବ୍ଲକ୍ ଶୁଆକାଟିରୁ କେନ୍ଦୁଝର ସଦର ବ୍ଲକ୍ ଗୋହାଳଡିହିକୁ ରେଳପଥ ସଂଯୋଗ ପାଇଁ ରେଲୱେ ତତ୍ପରତା ଦେଖାଉଛି। ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଖଣିରୁ କେନ୍ଦୁଝର ଜିଲାର ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ ଖଣିଜ ପରିବହନକରି ଜୀବିକା ନିର୍ବାହ କରୁଛନ୍ତି। ଏହାଦ୍ୱାରା ଶ୍ରମଜୀବୀ, ଡ୍ରାଇଭର, ହେଲ୍‌ପରଙ୍କ ପରିବାର ପ୍ରତିପୋଷଣ ହେଉଛି। ଶୁଆକାଟିରୁ ଗୋହାଳଡିହିକୁ ରେଳପଥ ସଂଯୋଗ ହେଲେ ଜିଲାର ଆର୍ଥିକ ସ୍ଥିତି ବିପନ୍ନ ହେବ। ତେଣୁ ଏହି ରେଳପଥକୁ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ବିରୋଧକରି ପ୍ରତିବାଦରେ ଜିଲା ବନ୍ଦ କରାଯାଇଥିଲା। ବନ୍ଦକୁ ଜିଲାର ବିଭିନ୍ନ ସଙ୍ଗଠନ ଓ ଜନସାଧାରଣଙ୍କ ସମର୍ଥନ ମଧ ମିଳିଥିଲା। ଲୋକଙ୍କ ବିରୋଧ ସତ୍ତ୍ୱେ କେବଳ ଖଣିଜ ପରିବହନ ପାଇଁ ଏହି ରେଳପଥ ନିର୍ମାଣ କରାଯାଉଛି। କିନ୍ତୁ ୨ ଜିଲାବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲେ। ରେଳ ବଜେଟରେ ଆନନ୍ଦପୁରକୁ ଖୁସି ଖବର ମିଳିବ ବୋଲି ଆଶା କରାଯାଉଥିଲା। ଓଡ଼ିଶା ପାଇଁ ରେଳ ବଜେଟରେ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ଆନନ୍ଦପୁରବାସୀ ପୁଣି ନିରାଶ ହୋଇଥିଲେ।

# ଗାଁ ରାସ୍ତାରେ ଭାସୁଛି ପାନୀୟ ଜଳ



ରାମଚନ୍ଦ୍ରପୁର,୨୧।୩(ଗଣେଶ୍ୱର ସା)

ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ବସୁଧା ଓ ମେଗା ୱାଟର ସପ୍ଲାଏ ସିଷ୍ଟମ କାର୍ଯ୍ୟକାରୀ ହୋଇଛି। ପରିଚାଳନାଗତ ତ୍ରୁଟି ଯୋଗୁ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ଗ୍ରାମର ଗାଁ ରାସ୍ତାରେ ପାନୀୟ ଜଳ ଭାସୁଛି। ଖରା ଦିନରେ ସାଧାରଣତ ପିଇବା ପାଣିର ସମସ୍ୟା ଦେଖାଯାଉଥିବା ବେଳେ ଏଠାରେ ପାଣିର ଅପ ବ୍ୟବହାର କରାଯାଉଥିବା ପରିଲକ୍ଷିତ ହୋଇଛି। ଉପଯୁକ୍ତ ତଦାରଖ ଅଭାବରୁ ପାଇପଗୁଡିକ ବିଭିନ୍ନ ସ୍ଥାନରେ ଫାଟିଯାଇ ପାଣି ରାସ୍ତାରେ ଭାସୁଛି। ଅନ୍ୟପଟେ କିଛି ଅସାମାଜିକ ବ୍ୟକ୍ତିମାନେ ପାଣି ପାଇପ୍‌କୁ ଖୋଲା ଛାଡ଼ିଦେଉଥିବାରୁ ପାଣି ଅପଚୟ ହେଉଛି। ଫଳରେ ଘରୋଇ ସଂଯୋଗ ନେଇଥିବା ଉପଭୋକ୍ତାମାନଙ୍କ ଘରେ ପାଣି ପହଞ୍ଚି ପାରୁ ନ ଥିବା ଜଳସୁଆଁ ବଡପଡ଼ିଆ ଗ୍ରାମର ପପୁ ଜେନା, ପ୍ରଫୁଲ୍ଲ ଜେନା, କୁଳମଣି ଜେନା, ଅଲେଖ ସା, ମମତା ରାଣୀ ଜେନା ପ୍ରମୁଖ କହିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଳସୁଆଁ ସରପଞ୍ଚ ପ୍ରଶାନ୍ତି ମାଝୀ ଓ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଉଦୟ ହେମ୍ବ୍ରମ ଏଥିପ୍ରତି ଦୃଷ୍ଟି ଦେଇ ୨ ଦିନ ମଧ୍ୟରେ ସମାଧାନ କରିବେ ବୋଲି କହିଛନ୍ତି।

# 'ମାତୃ ଶକ୍ତି ହିଁ ରାଷ୍ଟ୍ରର ଶକ୍ତି'




ଆଠମଲ୍ଲିକ,୨୧।୩
(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଏଡା ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନଙ୍କୁ ନେଇ ଅଏଡା ଠାରେ ନାରୀ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାନେତ୍ରୀ ସରୋଜିନୀ ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ କୁମାର ସାହୁ, ଭାଜପା ବରିଷ୍ଠ ନେତା ଭାଗୀରଥି ପ୍ରଧାନ, ଅର୍ଜୁନ ସାହୁ, ଭବାନୀ ଜ୍ୟୋତିଷରାୟ, ଅଜିତ ପ୍ରଧାନ, ଅଏଡା ସରପଞ୍ଚ ସୁଭାସିନୀ ସେଠୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ମହିଳାମାନଙ୍କ ପାଇଁ ଲାଗୁ କରିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ମାତୃ ଶକ୍ତି ହିଁ ରାଷ୍ଟ୍ରର ଶକ୍ତି ବୋଲି ପ୍ରକାଶ କରିଥିଲେ। ଏଥିସହିତ ମା'ମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ କରି ତାଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ।

# ଆନନ୍ଦପୁର ବନ ବିଭାଗର ୨ କର୍ମଚାରୀ ପୁରସ୍କୃତ

ଆନନ୍ଦପୁର,୨୧।୩(ଉମେଶ ଚନ୍ଦ୍ର ପାଢ଼ୀ)

ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ୨୦୨୪ରେ ଆନନ୍ଦପୁର ବନ ବିଭାଗର ଫରେଷ୍ଟର ଅନନ୍ତ ଚରଣ ପରିଡ଼ା, ଫରେଷ୍ଟ ଗାର୍ଡ ଜ୍ୟୋତି ରଞ୍ଜନ ମାଝୀ ପୁରସ୍କୃତ ହୋଇଛନ୍ତି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସମ୍ମାନିତ ଅତିଥିଭାବେ ପ୍ରଧାନ ମୁଖ୍ୟ ବନ ସରଂକ୍ଷକ ତଥା ଓଡ଼ିଶା ବନବାହିନୀର ମୁଖ୍ୟ ଦେବଦତ୍ତ ବିଶ୍ୱାଳ, ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଶାନ୍ତ ନନ୍ଦ ଯୋଗଦେଇଥିଲେ। ଆନନ୍ଦପୁର ବନଖଣ୍ଡ ବିଭାଗ ପକ୍ଷରୁ ୨ କର୍ମଚାରୀଙ୍କୁ ଅତୁଳନୀୟ ଅବଦାନ ପାଇଁ ଜଙ୍ଗଲର ବନ୍ଧୁ ହୋଇଥିବାରୁ ରାଜ୍ୟ ସରକାରଙ୍କ ବିଶ୍ୱ ବନ ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ଆନନ୍ଦପୁର ବନଖଣ୍ଡର ସମସ୍ତ କର୍ମଚାରୀ ଓ ମୁଖ୍ୟ ବନ ଅଧିକାରୀ ସ୍ୱାଗତ କୃତଜ୍ଞତା ଜଣାଇଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଡ୍ରେନ୍ ନିର୍ମାଣ ଦାବି

ସୋସୋ,୨୧।୩(ସତ୍ୟବ୍ରତ ଜେନା)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଅକରୁଆ ପଞ୍ଚାୟତର ଆମ୍ବଗଡ଼ିଆ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଥିବା ନାଳରେ ଛୋଟ ପିଲାମାନେ ନାଳ ପାର ହୋଇ ଯିବା କଷ୍ଟସାଧ ହେଉଛି। ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ପକ୍କା ଡ୍ରେନ ନିର୍ମାଣ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି। ଆମ୍ବଗଡ଼ିଆ ଅଙ୍ଗନବାଡି କେନ୍ଦ୍ରକୁ ଲାଗି ଆମ୍ବଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ନଳକୂପ ରହିଥିଲା। ବିଦ୍ୟାଳୟ ପରିସରରେ ନୂତନ ନଳକୂପ ଖନନ ପରେ ଅଙ୍ଗନୱାଡ଼ି ଛାତ୍ରୀଛାତ୍ର ପୁରୁଣା ନଳକୂପ ବ୍ୟବହାର କରୁଛନ୍ତି। ନଳକୂପରୁ ନିର୍ଗତ ପାଣି ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖରେ ପ୍ରବାହିତ ହେଉଛି। ବିଶେଷ କରି ସ୍ଥାନୀୟ ଲୋକେ ନଳକୂପ ବ୍ୟବହାର କରୁଥିବାରୁ ପରିସରରେ ଅଧିକ ଅପରିଷ୍କାର ହେବା ସହ ନାଳରେ ଆବର୍ଜନା ଜମି ଦୁର୍ଗନ୍ଧ ହେଉଛି। କୁନିକୁନି ପିଲା ନାଳ ଯୋଗୁ ଅସୁବିଧାରେ ପଡୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରକୁ ଲାଗି ରହିଥିବା ନଳକୂପ ଚାରି ପାର୍ଶ୍ୱରେ ସୁରକ୍ଷା ବାଡା ସହ କେନ୍ଦ୍ର ସମ୍ମୁଖରେ ଥିବା ନାଳ ଉପରେ ଏକ ପକ୍କା ଡ୍ରେନ ନିର୍ମାଣ କରିଲେ କୁନିକୁନି ପିଲାମାନେ ସୁରକ୍ଷିତ ଭାବେ ଯାତାୟାତ କରିପାରିବେ ବୋଲି ଅଙ୍ଗନୱାଡି ସୁପରଭାଇଜର ନିରୁପମା ରାଉତ, ଅଙ୍ଗନବାଡି କର୍ମୀ ରାଧାମଣୀ ଯେନା, ସହାୟିକା କାନ୍ତିଲତା ବେହେରା, ଅଭିଭାବକ ନିରଞ୍ଜନ ଯେନା, ବିଜୟ ଯେନା, ଅଭିମନ୍ୟୁ ଯେନା, ଉମାକାନ୍ତ ଖଟୁଆ, ନରେନ୍ଦ୍ର ଦାସ, ରବୀନ୍ଦ୍ର ଖଟୁଆ, ରଞ୍ଜନ ଦେହୁରୀ, ରମେଶ ଦେହୁରୀ ପ୍ରମୁଖ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ହାଟଡ଼ିହୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଉମାମଣୀ ମହାପାତ୍ର କହିଛନ୍ତି, ସେ ନୂତନ ଭାବେ ଯୋଗ ଦେଇଛନ୍ତି। ତଦନ୍ତ କରି ସମସ୍ୟା ଯଥାଶୀଘ୍ର ସମାଧାନ କରିବାକୁ ଚେଷ୍ଟା କରିବେ।

# ଗ୍ୟାସ ଏଜେନ୍ସି ସ୍ଥାନାନ୍ତରକୁ ନେଇ ଅସନ୍ତୋଷ ବଢ଼ୁଛି

ଯୋଡ଼ା,୨୧।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ରନ୍ଧନ ଗ୍ୟାସର ଅଭାବ ଗ୍ରାହକଙ୍କୁ ଅତିଷ୍ଠ କରିଛି। ଏକ ନିର୍ଦ୍ଦିଷ୍ଟ ଗ୍ୟାସ କମ୍ପାନୀର ବିତରକଭାବେ ଜନୈକ ଆଦିବାସୀଙ୍କ ନାମରେ ଥିଲା। ଅନ୍ୟ ଜଣେ ବ୍ୟବସାୟୀ ପୁଞ୍ଜି ନିବେଶ କରି ଗ୍ୟାସ ବିତରଣ କାର୍ଯ୍ୟାଳୟ ଖୋଲି ଗ୍ୟାସ ଯୋଗାଇ ଆସୁଥିଲେ। ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ୟାସ ବିତରକଭାବେ ଏଜେନ୍ସି ପାଇଥିବା ଆଦିବାସୀ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଗ୍ୟାସ ବିତରଣରେ ସମସ୍ୟା ଉପୁଜିଥିଲା। କିଛି ମାସ ବୋଲାଣିରୁ ଗ୍ୟାସ ଚଢ଼ା ଦରରେ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଥିବା ଏବଂ ପରବର୍ତ୍ତୀ ସମୟରେ ରିମୂଳିରୁ ଗ୍ୟାସ ଆଣି ଯୋଡ଼ାରେ ବିତରଣ କରାଯାଉଥିବା ଗ୍ରାହକ ସୋମନାଥ ମହାନ୍ତି, ସୁଧନ୍ୟା ସାହୁ ପ୍ରମୁଖ କହିଛନ୍ତି। ଗ୍ରାହକମାନେ ଅଭିଯୋଗ କରି କହିଛନ୍ତି, ଯୋଡ଼ା ସହର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳର ଗ୍ରାହକ ସଂଖ୍ୟା ପ୍ରାୟ ୨୦ ହଜାରରୁ ଅଧିକ। ସେମାନଙ୍କର ଗ୍ୟାସ ବହି ଯୋଡ଼ାସ୍ଥିତ ନିର୍ଦ୍ଦିଷ୍ଟ ଗ୍ୟାସ କମ୍ପାନୀ କାର୍ଯ୍ୟାଳୟରୁ ରିମୁଳିସ୍ଥିତ ଗ୍ୟାସ ଏଜେନ୍ସିକୁ ସ୍ଥାନାନ୍ତର ହୋଇଯାଇଛି। ଏହାର କମ୍ପ୍ୟୁଟର ଚିଠାରେ ଯୋଡ଼ା ପରିବର୍ତ୍ତେ ରିମୂଳି ଦର୍ଶାଯାଇଛି। ଖାତାରେ ଥିବା ମୋବାଇଲ ନମ୍ବର ବନ୍ଦ ଥିବା ସୁଧନ୍ୟା ସାହୁ କହିଛନ୍ତି। ଯୋଡ଼ାରୁ ରିମୂଳିର ଦୂରତା ପ୍ରାୟ ୨୫କି.ମି. ହୋଇଥିବା ବେଳେ ଏଠାକୁ ପହଞ୍ଚିବା ପାଇଁ ଟୋଲ ଗେଟ୍‌ରେ ଦେୟ ପୈଠ କରି ଯିବାକୁ ପଡିଥାଏ। ଏଣୁ ଏଜେନ୍ସି ଗ୍ରାହକମାନଙ୍କୁ ଉଚିତ ମୂଲ୍ୟ ନେଇ ଗ୍ୟାସ ଯୋଗାଉ। ଯୋଡ଼ା ସହର ତଥା ଆଖପାଖ ଅଞ୍ଚଳ ଖଣି ଓ ଶିଳ୍ପ ସମୃଦ୍ଧ ହୋଇଥିବା ବେଳେ ଗ୍ୟାସ ଏଜେନ୍ସିମାନଙ୍କର ଏ ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ଗ୍ରାହକମାନଙ୍କୁ ଅତିଷ୍ଠ କରିଛି। କେନ୍ଦ୍ର ସରକାର ଗ୍ୟାସ ଉପରେ ଏକ ଶହ ଟଙ୍କା ରିହାତି କରିଥିଲେ ହେଁ ଯୋଡ଼ାବାସୀ ସିଲିଣ୍ଡର୍ ପିଛା ବହୁ ଟଙ୍କା ବ୍ୟୟ କରି କିଣୁଥିବା ଏକାଧିକ ମହିଳା କହିଛନ୍ତି।

# ୨୦ ଖିଲାପୀଙ୍କ ନାମ ଜାରି କଲା କେସିସିବି

କେନ୍ଦୁଝର,୨୧।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ଋଣ ନେଇ ପରିଶୋଧକରି ନ ଥିବା ଟପ୍ ୨୦ ଖିଲାପୀଙ୍କ ନାମ ଜାରି କରିଛି। ବ୍ୟାଙ୍କ ପକ୍ଷରୁ ଋଣ ପରିଶୋଧ ପାଇଁ ବାରମ୍ବାର ନୋଟିସ୍ କରି ବିଫଳ ହେବା ପରେ ପୂର୍ବ ଭଳି ତାଲିକା ସର୍ବସାଧାରଣଙ୍କ ସୂଚନା ପାଇଁ ବୋର୍ଡ ମରାଯାଇ ପ୍ରଦର୍ଶିତ କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କେସିସିବି ସଭାପତି କାନନ ବିହାରୀ ପୋହି କହିଛନ୍ତି, ଖିଲାପୀଙ୍କ ବିରୋଧରେ କେସ୍ କରାଯାଇଛି। ଋଣ ଅର୍ଥ ପୈଠ ନ କଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ହେଲେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯିବ। ନିର୍ବାଚନ ପରେ ଏ ନେଇ ପଦକ୍ଷେପ ନେବା ଆରମ୍ଭ ହେବ ବୋଲି କହିଥିଲେ।

# ଆସନ୍ତା ୧୮ରେ ପୂର୍ବତନ ବିଡିଓଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

**ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ନ ହେବା ଘଟଣା**

ହାଟଡିହୀ,୨୧।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ପୂର୍ବତନ ବିଡିଓ ଓଡିଶା ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରି ନ ଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲାର ହାଇକୋର୍ଟ ଚଳିତ ମାସ ୧୪ ରେ ଶୁଣାଣି କରି ପୂର୍ବତନ ବିଡିଓ ବିନିତା ବିଜୟିନୀଙ୍କୁ ୧୮ ଏପ୍ରିଲ ୨୦୨୪ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା ମାମଲା କରା ନ ଯିବ ହାଜର ହୋଇ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ରହିଛି। ଅପରପକ୍ଷେ ବାରମ୍ବାର ଚିଠି ପଠାଇଥିଲେ ମଧ ବିଡିଓଙ୍କ ପକ୍ଷରୁ କୌଣସି ଜବାବ ମିଳୁ ନ ଥିବା ଏଜିଏ ଏସ୍‌ପି ପଣ୍ଡା କୋର୍ଟଙ୍କ ନିକଟରେ ଉପସ୍ଥାପନା କରିଥିଲେ। ସୂଚନାଯୋଗ୍ୟ, ବ୍ଲକ୍ ଅଧୀନ ସଢ଼ା ପଞ୍ଚାୟତର ରିଜୋଲ୍ୟୁଶନ ବହିରେ ଅନିୟମିତତା ହୋଇଥିବା ନେଇ ଗତ ୫ ଏପ୍ରିଲ ୨୦୨୩ରେ ଅଭିଯୋଗ ହୋଇଥିଲା। ଏନେଇ ୱାର୍ଡ ମେମ୍ବରମାନେ ହାଟଡିହୀ ବିଡିଓ, ଆନନ୍ଦପୁର ଉପଜିଲାପାଳ, କେନ୍ଦୁଝର ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ରିଜୋଲ୍ୟୁଶନ ବହିରେ ୨୫ ନମ୍ବରରୁ ୪୦ ନମ୍ବର ପର୍ଯ୍ୟନ୍ତ ପୃଷ୍ଠା ଫାଙ୍କା ରହିଥିବା ଏବଂ ୪୨ ନମ୍ବର ପୃଷ୍ଠାରେ ଏକ ରିଜୋଲ୍ୟୁଶନ ଲେଖା ଥିଲା। ବୈଠକ ନ କରାଇ ପିଅନ ଦ୍ୱାରା ଗାଁ ଗାଁ ବହି ବୁଲାଇ ରିଜୋଲୁଶନ ବହିରେ ଦସ୍ତଖତ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଅଭିଯୋଗ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ମାମଲା ହାଇକୋର୍ଟଙ୍କ ନିକଟରେ ପହଞ୍ଚିଥିଲା। ଗତ ୨୫ ମେ ୨୦୨୩ ରେ ହାଇକୋର୍ଟଙ୍କ ତରଫରୁ ମାମଲାର ବିଚାର କରି ପଦକ୍ଷେପ ନେବାକୁ ବିଡିଓଙ୍କୁ ଆଦେଶ ହୋଇଥିଲା। ପ୍ରଥମ ଥର ଦିଆଯାଇଥିବା ଆଦେଶ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ ହୋଇ ନ ଥିଲା। ଫଳରେ ଅଭିଯୋଗକାରୀ ସଢ଼ା ପଞ୍ଚାୟତର ୱାର୍ଡ ମେମ୍ବର ଉମାକାନ୍ତ ଜେନା ଆଉ ଏକ ମାମଲା ଦାୟର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ଆଦେଶ ପାଇବାର ଏକ ମାସ ମଧ୍ୟରେ ଆଦେଶ କାର୍ଯ୍ୟକାରୀ ରିପୋର୍ଟ ଦେବାକୁ ୨୦ ଜୁଲାଇ ୨୦୨୩ ରେ ହାଟଡିହୀ ବିଡିଓଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଧାର୍ଯ୍ୟ ସମୟରେ ଆଦେଶ କାର୍ଯ୍ୟକାରୀ ନ ହେଲେ ଏହାକୁ କୋର୍ଟଙ୍କ ଆଦେଶର ଅବମାନନା ବୋଲି ଧରାଯିବ ବୋଲି କୋର୍ଟ ଦର୍ଶାଇଥିଲେ। କିନ୍ତୁ ଆଦେଶ କାର୍ଯ୍ୟକାରୀ ହୋଇ ନ ଥିବାରୁ ତୃତୀୟ ଥର ପାଇଁ ପୁଣି ଏକ ମାମଲା ଦାୟର ହୋଇଥିଲା। ଅଭିଯୋଗକାରୀ ୱାର୍ଡ ମେମ୍ବର ଉମାକାନ୍ତଙ୍କ ତରଫରୁ ଓକିଲ ପ୍ରଶାନ୍ତ କୁମାର ଶତପଥୀ, ପର୍ଶୁରାମ ପଣ୍ଡା ମାମଲା ପରିଚାଳନା କରୁଛନ୍ତି। ସୂଚନା ଥାଉକି, ବିଡିଓ ବିନିତା ବିଜୟିନୀ ଏବେ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ୍‌ରେ କାର୍ଯ୍ୟରତ ଅଛନ୍ତି।

# ଗୋଟିଏ ନମ୍ବରରେ ୨ ଟ୍ରକ୍

ପାଟଣା,୨୧।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ଗୁରୁବାର ସମାନ ନମ୍ବର ଥିବା ୨ ଦଶ ଚକିଆ ଟ୍ରକକୁ ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ବଜାରରୁ ଜବତ କରିଛି। ୨ ଟ୍ରକ୍ ଥାନାକୁ ଆଣି ପୋଲିସ କାଗଜପତ୍ର ଯାଞ୍ଚ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, କୋଲକତାରୁ ରାୟପୁରକୁ ଜେସିବି ମେସିନ ପାର୍ଟସ ବୋଝେଇ କରି ଯାଉଥିବା ଟ୍ରକ୍ (ଡବ୍ଲୁ ବି ୧୧ଡି ୦୫୪୬)କୁ ଡ୍ରାଇଭର ଜାହାଙ୍ଗିର ଆନ୍ସାରି ତୁରୁମୁଙ୍ଗା ବଜାରରେ ଛିଡା କରି ଜଳଖିଆ ଖାଇଥିଲେ। ସେ ସମୟରେ ତାଙ୍କ ଗାଡ଼ି ସହ ସମାନ ନମ୍ବର ଥିବା ଆଉ ଏକ ଟ୍ରକ୍‌କୁ ଦେଖି ମାଲିକ ବାବୁଲାଲ ଶର୍ମାଙ୍କୁ ଡ୍ରାଇଭର ଜଣାଇଥିଲେ। ମାଲିକ ତାଙ୍କୁ ଥାନାରେ ଅଭିଯୋଗ କରିବାକୁ କହିବା ପରେ ଡ୍ରାଇଭର ତୁରୁମୁଙ୍ଗା ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରି ଥାନାକୁ ଆଣି ତଦନ୍ତ କରୁଛି। ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ପାଟଣା ଅତିରିକ୍ତ ତହସିଲଦାର ଶରଣ ଜେନାଙ୍କ ଉପସ୍ଥିତିରେ ତରଭୁଜ ବୋଝେଇ ଟ୍ରକ୍‌ରୁ ତରଭୁଜ ଅନ୍‌ଲୋଡ୍ କରିଥିଲେ। ଟ୍ରକଟି ମହାରାଷ୍ଟ୍ରରୁ କୋଲକାତାକୁ ଯାଉଥିଲା। ତଦନ୍ତ ସମୟରେ ୨ ଟ୍ରକ୍‌ର ଫାଷ୍ଟଟାଗ ଆକାଉଣ୍ଟ ଭିନ୍ନ ନମ୍ବର ଥିବା ପୋଲିସ ସୂଚନା ଦେଇଛି।

# ଅଭିନୟ ପଥରେ ବାପ, ଝିଅ

- ନୃତ୍ୟ ଓ ଅଭିନୟରେ ପାରଙ୍ଗମ ଗୁରୁ, ଶ୍ୱେତା
- ସର୍ବଭାରତୀୟସ୍ତରରେ ଯୁଗଳବନ୍ଦୀ ପୁରସ୍କାର ପାଇଛନ୍ତି

କେନ୍ଦୁଝର,୨୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)



ଶ୍ୱେତା ଦାସ | ଗୁରୁ ଦାସ

ପିଲାଟି ବେଳରୁ କଳାକୁ ନିଶା ଭାବରେ ଗ୍ରହଣ କରିଥିବା ଗୁରୁ ଦାସ ଓଡ଼ିଶୀ ଓ ଅନ୍ୟ ପାରମ୍ପରିକ ନୃତ୍ୟ ପରିବେଷଣ କରି ଜିଲାରେ ଚର୍ଚ୍ଚାରେ ଥିବା ବେଳେ ରାଜ୍ୟସ୍ତରରେ ପରିଚୟ ପାଇଁ ଉଦ୍ୟମ ଚଳାଇଛନ୍ତି। ଦୀର୍ଘ ୨୫ ବର୍ଷର ଅକ୍ଳାନ୍ତ ପରିଶ୍ରମ ପରେ ଏବେ ନିଜସ୍ୱ ଉଦ୍ୟମରେ ସିନେମା ଓ ଟିଭି ଜଗତରେ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ବର୍ତ୍ତମାନ ବାପାଙ୍କୁ ଗୁରୁ ଭାବରେ ଗ୍ରହଣ କରି ତାଙ୍କ ପଥ ଅନୁସରଣ କରି ଝିଅ ଶ୍ୱେତା ନୃତ୍ୟରେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ରାଜ୍ୟ, ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି।

ଗୁରୁ ସ୍ଥାନୀୟ କାଶୀପୁର ୟୁଜିଏମଇ ସ୍କୁଲରୁ ପ୍ରାଥମିକ ଓ ପରେ ଡିଏନ୍ ହାଇସ୍କୁଲରୁ ମାଟ୍ରିକ ପାସ କରି ଧରଣୀଧର ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ। ନିଜର ସ୍ୱପ୍ନକୁ ସାକାର କରିବାକୁ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟ, ପରେ ଚଣ୍ଡିଗଡ଼ ଓ ମୁମ୍ବାଇସ୍ଥିତ କଳା ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ କରି ସଙ୍ଗୀତ ନୃତ୍ୟନାଟିକାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ। ଅର୍ଥାଭାବ ସତ୍ତ୍ୱେ କଳାକାର ହେବାର ନିଶା ତାଙ୍କ ପଥରୋଧ କରିପାରି ନ ଥିଲା। ସେ ବିଭିନ୍ନ ଚଳଚ୍ଚିତ୍ର, ଟିଭି ସିରିଏଲ, ଡ୍ରାମାରେ ଅଭିନୟ କରି ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି। ନିକଟରେ ତାଙ୍କ ଝିଅ ଶ୍ୱେତା ଦାସଙ୍କ ସହିତ ଦ୍ୱୈତ୍ୟ ନୃତ୍ୟ ପରିବେଷଣ କରି ସର୍ବଭାରତୀୟସ୍ତରରେ ଯୁଗଳବନ୍ଦୀ ପୁରସ୍କାର ପାଇଛନ୍ତି। ଦିଲ୍ଲୀରେ ଆୟୋଜିତ ଏହି ସମାରୋହରେ ଓଡ଼ିଶାର ରାଜ୍ୟପାଳ ଓ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଗୁରୁ ଦାସ ନିକଟରେ ୩ଟି ଓଡ଼ିଆ ଚଳଚ୍ଚିତ୍ର ଯଥା 'ଆକାଶବାଣୀ', 'ଗୁଡୁ ଗ୍ୟାଙ୍ଗ ଷ୍ଟାର', 'ଆରମ୍ଭରୁ ଶେଷ କଟକ'ରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହା ସତ୍ତ୍ୱେ ସେ ଓଡ଼ିଶୀ ନୃତ୍ୟକୁ ଛାଡ଼ି ନାହାନ୍ତି। ବିଦେଶରେ ଝିଅ ଶ୍ୱେତାଙ୍କ ସହିତ ଦ୍ୱୈତ୍ୟ ନୃତ୍ୟ ପରିବେଷଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏଥିସହ ଦୀର୍ଘ ୨୫ ବର୍ଷ ହେଲା ନୃତ୍ୟ ସଙ୍ଗୀତର ପ୍ରଚାର ଓ ପ୍ରସାର ପାଇଁ ନିଜସ୍ୱ ଅନୁଷ୍ଠାନ ବର୍ଷା ସଙ୍ଗୀତ ନୃତ୍ୟ ଅନୁଷ୍ଠାନ ଚଳାଇ ଆସୁଛନ୍ତି। କଳା ଓ ଅଭିନୟ ଦେଖି ସମସ୍ତେ ତାଳି ମାରନ୍ତି। କଳାକାରର ଦୁଃଖକୁ କେହି ଜାଣିବାକୁ ଚାହାନ୍ତି ନାହିଁ ବୋଲି ଗୁରୁ କୁହନ୍ତି।

# କପିଳାସ, ବଳରାମ ମନ୍ଦିର ପ୍ରସାଦ ପାଇଁ ଟେଣ୍ଡର ପଡ଼ିଲାନି

## ବର୍ଦ୍ଧିତ ମୂଲ୍ୟକୁ ନେଇ ଅସନ୍ତୋଷ ବୃଦ୍ଧି

ଢେଙ୍କାନାଳ, ୨୧।୩(ରତନ ନାୟାର)

ଢେଙ୍କାନାଳ ଜିଲା ତଥା ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସ ସମେତ ଢେଙ୍କାନାଳ ସହରସ୍ଥିତ ଶ୍ରୀ ସିଦ୍ଧ ବଳରାମଙ୍କ ମନ୍ଦିର ଅବଢ଼ା ତଥା ପ୍ରସାଦ ନିମନ୍ତେ ନିର୍ଦ୍ଧାରିତ ତାରିଖ ସୁଦ୍ଧା କେହି ଟେଣ୍ଡର ପକାଇ ନାହାନ୍ତି। ଗୁରୁବାର ଜିଲା କାର୍ଯ୍ୟାଳୟ ଦେବୋତ୍ତର ବିଭାଗରେ ଟେଣ୍ଡର ପକାଇବାର ଶେଷ ତାରିଖ ଥିଲେ ହେଁ ଗୋଟିଏ ହେଲେ ବି ଟେଣ୍ଡର ପଡ଼ିନାହିଁ। ସେହିପରି ସହରସ୍ଥିତ ଶ୍ରୀଦଧିବାମନ ଜୀଉ ପୀଠର ଅବଢ଼ା ଓ ପ୍ରସାଦ ପାଇଁ ମଧ୍ୟ କୌଣସି ଟେଣ୍ଡର ପଡ଼ିନାହିଁ। ଗତବର୍ଷର ଧାର୍ଯ୍ୟ ମୂଲ୍ୟରେ



ଟେଣ୍ଡର ବାକ୍ସ।

ଚଳିତବର୍ଷ ଅହେତୁକ ବୃଦ୍ଧି କରାଯିବା ଟେଣ୍ଡର ନ ପଡ଼ିବାର କାରଣ ବୋଲି କୁହାଯାଉଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅବଢ଼ା ଓ ପ୍ରସାଦ ନିମନ୍ତେ ଟେଣ୍ଡର ପକାଇବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଗତ ୧୪ ତାରିଖରେ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୧ ମାର୍ଚ୍ଚ ପୂର୍ବାହ୍ନ ୧୧ଟା ମଧ୍ୟରେ ଟେଣ୍ଡର ପକାଇବା ପାଇଁ ଏଥିରେ ସୂଚନା ଦିଆଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଟେଣ୍ଡର ବାକ୍ସ ଖୋଲିବା ପରେ କେହି ଟେଣ୍ଡର ପକାଇ ନ ଥିବା ଜଣାପଡ଼ିଥିଲା। ଗତବର୍ଷ କପିଳାସ ପୀଠ ପାଇଁ ଟେଣ୍ଡର ନେଇଥିବା ମାନସ କୁମାର ସାହୁ ଓ ସର୍ବେଶ୍ୱର ସାହୁ, ବଳରାମ ମନ୍ଦିର ପାଇଁ ଟେଣ୍ଡର ନେଇଥିବା ଶିବରାମ ଦାସ, ଦଧିବାବନ ମଠ ପାଇଁ ଟେଣ୍ଡର ନେଇଥିବା ସଞ୍ଜୟ କୁମାର ସାହୁ ପ୍ରମୁଖ ପୁନର୍ବାର ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ଥିବାବେଳେ ବର୍ଦ୍ଧିତ ମୂଲ୍ୟକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଟେଣ୍ଡର ପକାଇ ନ ଥିଲେ। ବଳରାମ ମନ୍ଦିରରେ ପ୍ରସାଦ ତଥା ଅବଢ଼ା ଜଣକ ପିଛା ୮୦ ଟଙ୍କା, କପିଳାସ ପୀଠରେ ପ୍ରସାଦ ତଥା ଅବଢ଼ା ଜଣକ ପିଛା ୬୦ଟଙ୍କା ଓ ଦଧିବାମନ ଜୀଉଙ୍କ ପୀଠରେ ଜଣକ ପିଛା ୭୦ ଟଙ୍କାରେ ବିକ୍ରି ହେଉଥିଲା। ଏ ସଂକ୍ରାନ୍ତରେ ଦେବୋତ୍ତର ବିଭାଗ ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କହିଛନ୍ତି, ପୂର୍ବବର୍ଷ ମୂଲ୍ୟଠାରୁ ଚଳିତବର୍ଷ ୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ଟେଣ୍ଡର ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ଟେଣ୍ଡର ପକାଇ ନ ଥିଲେ। ଏ ସମ୍ପର୍କରେ ଉପଜିଲାପାଳଙ୍କୁ ଜଣାଇ ଦିଆଯାଇଛି। ଜିଲାପାଳଙ୍କ ସହ ଉପଜିଲାପାଳ ଆଲୋଚନା କରିବା ପରେ ଏ ସଂକ୍ରାନ୍ତରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ଦେବୋତ୍ତର ନିରୀକ୍ଷକ ପ୍ରକାଶ କରିଛନ୍ତି।

## ଥଇଥାନ ପାଇଁ ଉଠା ଦୋକାନୀ ପ୍ରଶାସନର ଦ୍ୱାରସ୍ଥ

ଢେଙ୍କାନାଳ, ୨୧।୩(ରତନ ନାୟାର)

ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ଅଞ୍ଚଳର ଉଠା ଦୋକାନୀମାନେ ସେମାନଙ୍କୁ ଥଇଥାନ କରିବା ନିମନ୍ତେ ଗୁରୁବାର ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଅଭିଯୋଗରୁ ଜଣାପଡିଛି, ୨୦ବର୍ଷ ହେଲା ବସ୍‌ଷ୍ଟାଣ୍ଡଠାରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ପ୍ରମୋଦ କୁମାର ମଲ୍ଲିକ, ସୁକାନ୍ତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ରଣା, ପ୍ରବୀଣ ଦାସ, ଜିତୁ ସାହୁ, ନରେନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଦୋକାନୀମାନଙ୍କ ଦୋକାନ ଉଠାଇ ଦିଆଯିବା ଫଳରେ ସେମାନେ ଜୀବିକା ହରାଇଛନ୍ତି। ତେଣୁ ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ଯେଉଁ ନୂଆ ଦୋକାନ ଘର ହୋଇଛି, ଏହାକୁ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ମଞ୍ଜୁର କରିବା ପାଇଁ ସମ୍ପୃକ୍ତ ଉଠା ଦୋକାନୀମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିନିମନ୍ତେ ଧାର୍ଯ୍ୟ କରାଯାଇଥିବା ଦେୟ ସେମାନେ ପ୍ରଦାନ କରିବାକୁ ରାଜିଥିବା ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦୋକାନୀମାନେ ଦାବି କରିଛନ୍ତି ।

## ଭାଇଙ୍କୁ ଠେଙ୍ଗାରେ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡା ଗ୍ରାମର ତପନ ନାୟକଙ୍କୁ ତାଙ୍କ ଦଦା ପୁଅ ଅମୂଲ୍ୟ ନାୟକ ଏକ ଠେଙ୍ଗାରେ ମାଡ଼ ମାରିଥିବା ଗୁରୁବାର ତପନଙ୍କ ସ୍ତ୍ରୀ ପ୍ରମିଳା ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ପ୍ରମିଳା ଘରେ ଥିବାବେଳେ ପୂର୍ବଶତ୍ରୁତାକୁ ନେଇ ଅମୂଲ୍ୟ ଗାଳିଗୁଲଜ କରିଥିଲେ। ଏହି ସମୟରେ ତପନ ଆସି କାହିଁକି ଗାଳିଗୁଲଜ କରୁଛ ବୋଲି କହିବାରୁ ଅମୂଲ୍ୟ ଏକ ଠେଙ୍ଗାରେ ତପନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତପନ ଗୁରୁତର ହୋଇଥିଲେ। ଏ ନେଇ ପ୍ରମିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୬୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଜବତ

ଖୁଣ୍ଟା, ୨୧।୩ (ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଚାରେକତାଣ୍ଡି ଗ୍ରାମରେ ନିଖୋଜର ୮ ଦିନ ପରେ ଜନୈକ ବିଧବା ମହିଳାଙ୍କ ଗଳିତ ମୃତଦେହ ଏକ ବୁଦାଳିଆ ସ୍ଥାନରୁ ଜବତ ହୋଇଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ ବାଘ୍ରାୟ ଟୁଡୁଙ୍କ ସ୍ତ୍ରୀ ଗୁରୁବାରୀ ଟୁଡୁ(୩୨)। ଗୁରୁବାରୀ କିଛି ଦିନ ଧରି ନିଖୋଜ ଥିଲେ। ଗୁରୁବାର ଉକ୍ତ ଗ୍ରାମର କେତେଜଣ ଲୋକ ବୁଦାମୂଳେ ଜଣେ ମହିଳାଙ୍କ ଗଳିତ ମୃତଦେହ ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଚିହ୍ନଟ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେ ପୂର୍ବରୁ ଏକାଧିକବାର ଆତ୍ମହତ୍ୟା ଉଦ୍ୟମ କରିଥିବା ଏବଂ ଶ୍ୱଶୁର ଘର ଲୋକେ ଉଦ୍ଧାର କରିଥିବା ଶ୍ୱଶୁର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି। ଅପରପକ୍ଷେ ମୃତକଙ୍କ ୩ ନାବାଳକ ସନ୍ତାନ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ବିଶ୍ୱ ବନୀକରଣ ଦିବସ ପାଳିତ

କଣିହାଁ, ୨୧।୩(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ପବିତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ କଣିହାଁ ବନାଞ୍ଚଳ ବିଭାଗ ତରଫରୁ ଗୁରୁବାର ବିଶ୍ୱ ବନୀକରଣ ଦିବସ ପାଳିତ ହୋଇଯାଇଛି। ଏଥିରେ କଣିହାଁ ବନାଞ୍ଚଳ ସହକାରୀ ବନସଂରକ୍ଷକ ନୀଳମଣି ଦେହୁରୀ, ବନପାଳ ଟିକେସର ନାୟକ, ହରେକୃଷ୍ଣ ଦେହୁରୀ, ବିଜୟ ନାଏକ, ରଞ୍ଜନ କୁମାର ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଦାଶରଥି ଜେନାଙ୍କ ପୌରୋହିତ୍ୟରେ ଉକ୍ତ ସଭାରେ କଣିହାଁ ବନାଞ୍ଚଳର ସହକାରୀ ବନସଂରକ୍ଷକ ନୀଳମଣି ଦେହୁରୀ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା କରିଥିଲେ। ଶିକ୍ଷକ ସିଦ୍ଧିପ୍ରସାଦ ସାହୁ ଜଙ୍ଗଲର ଉପକାରିତା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଜୋର ଦେଇ ଛାତ୍ରୀଛାତ୍ରଙ୍କ ଏ ଦିଗରେ ଥିବା ଗୁରୁଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଜେନା ଗଛର ଉପକାରିତା ସମ୍ପର୍କରେ ବିଭିନ୍ନ ବିଜ୍ଞାନଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଇକୋ କ୍ଲବର ବିଜ୍ଞାନ ଶିକ୍ଷକ ଭୀମସେନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବନବିଭାଗ କର୍ମଚାରୀ କବିତା ପ୍ରଧାନ, ମନସ୍ମିତା ସାହୁ, ଜିତେନ୍ଦ୍ର ସାହୁ, କମଳଲୋଚନ ପ୍ରଧାନ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

ଢେଙ୍କାନାଳ, ୨୧।୩(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଯାଉଁଳି ପୋଖରୀ ମଠ ପରିସରରେ ଚାଲିଥିବା ୪୭ତମ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ଗୁରୁବାର ସମ୍ପନ୍ନ ହୋଇଛି। ପ୍ରବଚକ ଭାବେ କମଳଲୋଚନ ଦାସଜୀ ମହାରାଜଙ୍କ ଦ୍ୱାରା ସୀତା-ରାମ ବିବାହ ଉତ୍ସବ ଓ ଶ୍ରୀରାମ ବନ ଗମନ, ନାରାୟଣ ଦାଶ (ମାନସ ରାଜହଂସ)ଙ୍କ ଦଶରଥଙ୍କ ଦେହତ୍ୟାଗ ଓ ଭରତଙ୍କ ଚିତ୍ରକୂଟ ଗମନ, ନିରଞ୍ଜନ ଶାସେନୀଙ୍କ ଦ୍ୱାରା ଭରତଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସୀତା ହରଣ, ହନୁମାନ ଚରିତ ଓ ସେତୁ ବନ୍ଧ ପ୍ରତିଷ୍ଠା ଏବଂ ଅନ୍ତର୍ଯ୍ୟାମୀ ଦାସଜୀ ମହାରାଜଙ୍କ ଦ୍ୱାରା ସମର ଲୀଳା ଓ ରାବଣ ବଧ, ଶ୍ରୀରାମଭିଷେକ, ଜ୍ଞାନ ପ୍ରକରଣ ଉପରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ଅମରେନ୍ଦ୍ର ନନ୍ଦ ଓ ସହଯୋଗୀ ଋତ୍ୱିକ୍ ବୃନ୍ଦଙ୍କ ଦ୍ୱାରା ପ୍ରତ୍ୟହ ପ୍ରାତଃ ୭ ଘଟିକା ଠାରୁ ସୂର୍ଯ୍ୟପୂଜା, ଗୋ-ପୂଜା, ରୁଦ୍ରାଭିଷେକ, ଗୀତା ଓ ଶ୍ରୀ ବିଷ୍ଣୁ ସହସ୍ରନାମ, ଶ୍ରୀ ରାମାର୍ଚ୍ଚନ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରେ ଶ୍ରୀଜୀଉଙ୍କ ପାରାୟଣ ମଣ୍ଡପ ବିଜେ ଆରତି, ଅସ୍ତୁତି ଓ ସାଧୁସନ୍ଥଙ୍କ ଦ୍ୱାରା ଶ୍ରୀରାମ ନାମ ଭଜନ କୀର୍ତ୍ତନ ଓ ଶ୍ରୀ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚ ପରିଚାଳକ ତଥା ଉପସ୍ଥାପନା କରିଥିଲେ ବିଶ୍ୱମ୍ଭର ଦାସଜୀ ମହାରାଜ। ଉକ୍ତ କାର୍ଯ୍ୟକ୍ରମକୁ ମଠ ମହନ୍ତ ବ୍ରହ୍ମାନନ୍ଦ ଦାସଜୀ ମହାରାଜ ପରିଚାଳନା କରିଥିବାବେଳେ ପ୍ରଭୁପାଦ ଦାସଜୀ ମହାରାଜ ସହଯୋଗ କରିଥିଲେ। ଏଥିରେ ଉଦ୍ୟୋକ୍ତା ଭାବେ ମୁରଲୀ କୁମାର ଭଞ୍ଜ, ସଞ୍ଜୟ କୁମାର ଭଞ୍ଜ, ସୁଶାନ୍ତ କୁମାର ଜେନା, ପ୍ରତାପ କୁମାର ମହାନ୍ତି, ସରୋଜ କୁମାର ମହାନ୍ତି, ଶିବ ପ୍ରସାଦ ଦାଶ, ପ୍ରଦ୍ୟୁମ୍ନ କୁମାର ପାଢୀ ଓ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସହରର ଭକ୍ତମାନେ ସନ୍ଧ୍ୟାରେ ପ୍ରସାଦସେବନ କରିଥିଲେ ।


୪୭ତମ ଶ୍ରୀରାମଚରିତ ମାନସ ପାରାୟଣର ପୂର୍ଣ୍ଣାହୂତି।

# ଦୋଷୀଙ୍କୁ ଜରିମାନା ନିର୍ଦ୍ଦେଶ

## ଦମ୍ପତିଙ୍କୁ ଆକ୍ରମଣ ମାମଲା

ଢେଙ୍କାନାଳ, ୨୧।୩(ରତନ ନାୟାର)

ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ପିଙ୍ଗୁଆ ଗ୍ରାମରେ ୨୦୧୨ ମସିହାରେ ଏକ ଦମ୍ପତିଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାର ବିଚାର କରି ଗୁରୁବାର ଗଁଦିଆ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୌରଭ ସାଗର ପ୍ରଧାନ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ, ୨୦୧୨ ଫେବୃଆରୀ ୧୮ରେ ନୂଆ ପିଙ୍ଗୁଆ ଗ୍ରାମର ଗୋବର୍ଦ୍ଧନ ସାହୁ ଘର କାମରେ ମିସ୍ତ୍ରିମାନଙ୍କୁ ସହଯୋଗ କରୁଥିବା ବେଳେ ଚନ୍ଦ୍ରମଣି ସାହୁ, ଦିପୁନା ସାହୁ, ଶ୍ରୀଧର ସାହୁ, ମନ୍ଦାର ସାହୁ ଓ ମଙ୍ଗୁଲୁ ସାହୁ ଏକ ମୋଟା ପାଣି ପାଇପ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ। ଗୋବର୍ଦ୍ଧନଙ୍କ ସ୍ତ୍ରୀ ଆସି ଛଡାଇବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଗୋବର୍ଦ୍ଧନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୬।୨୦୧୨ରେ ମାମଲା ରୁଜୁ କରିଥିଲା। ଏହାର ବିଚାର ବେଳେ ସମୁଦାୟ ୭ଜଣଙ୍କ ସାକ୍ଷ୍ୟପ୍ରମାଣ, ୬ ଦସ୍ତାବିଜ୍ ଓ ଅନ୍ୟ ଆନୁସଙ୍ଗିକ ପ୍ରମାଣ ଆଧାରାରେ ଗଁଦିଆ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହିତ ଦଫା-୧୪୭ ପାଇଁ ୭୦୦ ଟଙ୍କା, ୩୨୩ ପାଇଁ ୯୦୦ ଟଙ୍କା ଏବଂ ୪୪୮ ପାଇଁ ୮୦୦ ଟଙ୍କା ଏହିପରି ଭାବେ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୨୪୦୦ ଟଙ୍କା ଲେଖାଏ ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଓ କାମାକ୍ଷା ପ୍ରସାଦ ରଣା ସହଯୋଗ କରିଥିଲେ।

# ପାହାଡ଼ କାଟି ମୋରମ ଚାଲାଣ ଅଭିଯୋଗ

ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା କଣ୍ଡାଳ ପାହାଡରୁ କିଛିଦିନ ହେବ ମୋରମ ମାଫିଆମାନେ ବେଆଇନ ଭାବେ ମୋରମ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀ ନାକିଚି ରାଜସ୍ୱ କାର୍ଯ୍ୟାଳୟଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ବୁଧବାର କଣ୍ଡାଳ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ନାକିଚି ତଥା ଆଖପାଖ ଅଞ୍ଚଳରେ ଥିବା ସରକାରୀ ଜମି ଓ କିଛି



ପାହାଡ଼ରୁ ବେଆଇନ ଭାବେ ମୋରମ କଟାଯାଇ ଚାଲାଣ କରାଯାଉଛି। ବିଶେଷକରି ମୋରମ ମାଫିଆମାନେ ବିଳମ୍ବିତ ରାତିରେ ଜେସିବି ମେଶିନ ଦ୍ୱାରା ମୋରମ କାଟି ଚାଲାଣ କରୁଛନ୍ତି। ଏହି ଅଞ୍ଚଳରେ ନିର୍ମାଣ କରାଯାଉଥିବା ରାସ୍ତା ଗୁଡିକରେ ବ୍ୟବହାର ପାଇଁ ରାତିରେ ପାହାଡ଼ରୁ ମୋରମ କାଟି ଚାଲାଣ କରାଯାଉଛି। ଏ ନେଇ ଅଞ୍ଚଳବାସୀ ନାକିଚି ରାଜସ୍ୱ କାର୍ଯ୍ୟାଳୟଠାରେ ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଯାଇଛି। ମୋରମ ମାଫିଆମାନେ ରାଜସ୍ୱ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତକରି ଏଭଳି ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ କୁହନ୍ତି, ତୁରନ୍ତ ପଦକ୍ଷେପ ନିଆଯିବ।

## ମଦ ଜବତ, ୨ ଗିରଫ

ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଓ କିଶୋରନଗର ପୋଲିସକୁ ମଦ ଚଢ଼ାଉରେ ସଫଳତା ମିଳିଛି। ହଣ୍ଡପା ପୋଲିସ ବାଲିଆମ୍ବ ଗ୍ରାମରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଥିବା ବେଳେ କିଶୋରନଗର ପୋଲିସ ଡିମିରିମୁଣ୍ଡା ଗ୍ରାମରେ ଚଢ଼ାଉ କରି ଜଣଙ୍କୁ ବାନ୍ଧିଛି। ସୂଚନା ଅନୁଯାୟୀ, ହଣ୍ଡପା ପୋଲିସ ବାଲିଆମ୍ବା ଗ୍ରାମରେ ଚଢ଼ାଉ କରି ସୁବ୍ରତ ପ୍ରଧାନଙ୍କ ଘରୁ ୨୩ ଲିଟର ଚୋରା ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବାବେଳେ ଖବରପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ସେହିପରି କିଶୋରନଗର ପୋଲିସ ଡିମିରିମୁଣ୍ଡା ଗ୍ରାମରେ ଚଢ଼ାଉ କରି ପ୍ରଦୀପ କୁମାର ସାହୁଙ୍କ ଘରୁ ୧୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିବାସହ ତାଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଲେ ରୁଦ୍ର ପାଣି



ଓଡ଼ାପଡ଼ା, ୨୧।୩(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଗ୍ରାମରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଗୁରୁବାର ଭାଜପାର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଭେଟିଛନ୍ତି। ରୁଦ୍ରନାରାୟଣ ପ୍ରଥମେ ଖଡଗପ୍ରସାଦ ଗ୍ରାମକୁ ଯାଇ ଆକ୍ରାନ୍ତଙ୍କୁ ଭେଟି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଆକ୍ରାନ୍ତମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ କର୍ମଚାରୀଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ। ଶିଳ୍ପାଞ୍ଚଳ ନିକଟରେ ଥିବା ଲୋକମାନେ ବିଶୁଦ୍ଧ ପାନୀୟ ଜଳ ନ ପାଇବା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କହି ବରିଷ୍ଠ ନେତା ପାଣି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା କର୍ମୀ ଜ୍ୟୋତିପ୍ରସାଦ ରାଉତ, ଭକ୍ତବନ୍ଧୁ ବେହେରା, ସୁଜିତ୍ ପ୍ରଧାନ, ରାଜକିଶୋର ସାହୁ, ସୁନୀଲ ପାତ୍ର, ଦେବାନନ୍ଦ ବେହେରା, ସୁବ୍ରତ ରାଉତ ଓ ଅଞ୍ଜନ ରାଉତ ଉପସ୍ଥିତ ଥିଲେ।

# ସ୍ୱାମୀ ଫେରିଲେନି, ଫେରିଲା ମୃତଦେହ

ପରଜଙ୍ଗ, ୨୧।୩
(ନିଗମାନନ୍ଦ ଦଳବେହେରା)

- ଚାକିରି କରିବାକୁ ଗୋଆ ଯାଇଥିବା ବିଭୂତିଙ୍କ ମୃତ୍ୟୁ
- ପରଜଙ୍ଗ ବ୍ଲକ ବସନ୍ତପଡ଼ା ଗ୍ରାମରେ ଶୋକର ଛାୟା
- ବିଧାୟକ, ପ୍ରଶାସନର ହସ୍ତକ୍ଷେପ ପରେ ଆସିଲା ମୃତଶରୀର

ପରିବାର ପ୍ରତିପୋଷଣ ପାଇଁ ଯାଇଥିଲେ ଗୋଆ। ସେଠାରେ ଏକ ଘରୋଇ ସଂସ୍ଥାରେ ଡ୍ରାଇଭର ଭାବେ କାମ କରୁଥିଲେ। ମାତ୍ର ୨ ମାସର ଚାକିରି ମଧ୍ୟରେ ଗତ ରବିବାର ହଠାତ୍ ଦେହ ଅସୁସ୍ଥ ହୋଇଥିଲା। ସୋମବାର ଦରମା ମିଳିବା ପରେ ବୁଧବାର ଗାଁକୁ ଫେରିଯାଇ ଚିକିତ୍ସା କରାଇବେ ବୋଲି ଫୋନ୍ ଯୋଗେ ସ୍ତ୍ରୀଙ୍କୁ କହିଥିଲେ। ହେଲେ ବୁଧବାର ସ୍ୱାମୀ ତ ଫେରିଲେନି, ଫେରିଲା ତାଙ୍କ ମୃତଦେହ। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସି ପଞ୍ଚାୟତ ବସନ୍ତପଡ଼ା ଗ୍ରାମରେ ଘଟିଥିବା ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ସୂଚନା ଅନୁଯାୟୀ, ବସନ୍ତପଡ଼ା ଗ୍ରାମର ବିଭୂତି ଖିଲାର ଜଣେ ଗାଡ଼ି ଚାଳକ ଭାବେ କାମ କରୁଥିଲେ। ୨



ମାସ ତଳେ ସେ କାମ କରିବାକୁ ଗୋଆ ଯାଇ ଘରୋଇ ସଂସ୍ଥାରେ ଚାକିରି କରିଥିଲେ। ତାଙ୍କୁ ଉକ୍ତ ସଂସ୍ଥାରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ ଦିଆଯାଇଥିଲା। ଗତ ରବିବାର ବିଭୂତି ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସେଠାକାର ସହଯୋଗୀମାନେ ତାଙ୍କୁ ମେଡିକାଲ ନେଇ ଚିକିତ୍ସା କରିବା ପରେ ରୁମ୍‌ରେ ଆଣି ଛାଡ଼ି ଦେଇଥିଲେ। ଦେହ ଅସୁସ୍ଥ ସମ୍ପର୍କରେ ବିଭୂତି ଟେଲିଫୋନ ଯୋଗେ ଗାଁରେ ଥିବା ସ୍ତ୍ରୀଙ୍କୁ ଜଣାଇଥିଲେ। ଏପରି କି ସୋମବାର ଦରମା ମିଳିବାକୁ ଥିବାରୁ ଟଙ୍କା ପାଇବା ପରେ ବୁଧବାର ଗ୍ରାମକୁ ପଳାଇ ଆସିବେ ବୋଲି କହିଥିଲେ। ତାଙ୍କ ଫେରିବା ବାଟକୁ ସ୍ତ୍ରୀ ଅପେକ୍ଷା କରିଥିବା ବେଳେ ସୋମବାର ସକାଳେ ବିଭୂତିଙ୍କ ମୃତ୍ୟୁ ହୋଇଥିବା ନେଇ ସହଯୋଗୀମାନେ ଫୋନ ଯୋଗେ ଜଣାଇଥିଲେ। ଏପରି ଖବର ମିଳିବା ପରେ ସ୍ତ୍ରୀଙ୍କ ପାଦ ତଳୁ ଯେପରି ମାଟି ଖସିଯାଇଥିଲା। ସ୍ୱାମୀଙ୍କୁ ହରାଇ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ଅର୍ଥାଭାବରୁ ମୃତଦେହ ଗୋଆରୁ ଫେରାଇ ଆଣିବାକୁ ଅସମର୍ଥ ହୋଇଥିଲେ। ଏ ନେଇ ପରିବାର ଲୋକେ ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁଙ୍କ ସହଯୋଗ ଲୋଡ଼ିଥିଲେ। ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଧାୟକ ସାହୁ ଜିଲା ପ୍ରଶାସନ ସହ ଆଲୋଚନା କରିବା ପରେ ପ୍ରଶାସନ ସହଯୋଗରେ ବୁଧବାର ରାତିରେ ବିଭୂତିଙ୍କ ମରଶରୀର ଗାଁରେ ପହଞ୍ଚିଥିଲା। ଗୁରୁବାର ସକାଳେ ଶୋକାକୂଳ ପରିବେଶରେ ଗାଁ ଶ୍ମଶାନରେ ବିଭୂତିଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତଦେହ ଫେରାଇ ଆଣିବାରେ ସହଯୋଗ କରିଥିବାରୁ ପରିବାର ଲୋକେ ଓ ଗ୍ରାମବାସୀ ଜିଲା ପ୍ରଶାସନ ଏବଂ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ନଦୀର ଜଳଧାରା କମିଲେ ଜୀବନଧାରା ବାଧାପ୍ରାପ୍ତ ହେବ

## ୪ର୍ଥ ଓଡ଼ିଶା ନଦୀ ସମ୍ମିଳନୀ ଉଦ୍‌ଘାଟିତ

ଅନୁଗୋଳ, ୨୧।୩ (ଅମିତ କୁମାର ସାମଲ)



ନଦ ଓ ନଦୀର ସୁରକ୍ଷା ଏକ ଐକାନ୍ତିକ ଅପରିହାର୍ଯ୍ୟତା। ୱାଟର ଇନିସିଏଟିଭ ଓଡ଼ିଶା ଏବଂ ଏଫ୍‌ଇଏସ୍‌ର ମିଳିତ ସହଯୋଗରେ ଅନୁଗୋଳଠାରେ ଆୟୋଜିତ ୪ର୍ଥ ନଦୀ ସମ୍ମିଳନୀକୁ ଗୁରୁବାର ଉଦ୍‌ଘାଟନ କରି ବିଶିଷ୍ଟ ଗାନ୍ଧିବାଦୀ ଓ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ଏହା କହିଛନ୍ତି। ୱାଟର ଇନିସିଏଟିଭ ଓଡ଼ିଶା ମୁଖ୍ୟ ରଞ୍ଜନ ପଣ୍ଡାଙ୍କ ଆବାହକତ୍ୱ ତଥା ଏଫ୍‌ଇଏସ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱପ୍ନ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶାଖା ଭଞ୍ଜ, ଆଇନା ସମ୍ପାଦିକା ସ୍ନେହ ମିଶ୍ର, ମହାରାଷ୍ଟ୍ର ଜୀବିତ ନଦୀ ସଂସ୍ଥାର ଶୁଭା ସାଗର କୁଲକର୍ଣ୍ଣି ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ସର୍ବୋଦୟ ନେତ୍ରୀ କହିଥିଲେ, ନଦୀର ଜଳଧାରା କମିଗଲେ ଜୀବନଧାରା ବି ବାଧାପ୍ରାପ୍ତ ହେବ। ଓଡ଼ିଶାର ସବୁଠୁ ବଡ଼ ନଦୀ ମହାନଦୀର ସାମ୍ପ୍ରତିକ ବିପର୍ଯ୍ୟସ୍ତ ଅବସ୍ଥା ସମସ୍ତଙ୍କ ପ୍ରତି ଏକ ଆହ୍ୱାନ। କାର୍ଯ୍ୟକ୍ରମରେ ଚଳିତବର୍ଷର ପ୍ରଥମ ଜଳଯୋଦ୍ଧା ସମ୍ମାନ ସମ୍ବଲପୁରର ସରୋଜଙ୍କୁ ପ୍ରଦାନ କରାଯାଇଥିବା ବେଳେ 'ଆଜିର ଭଗୀରଥ' ସମ୍ମାନ କନ୍ଧମାଳ ଜିଲାର ବୁଢ଼ନପିପଲୀ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା କମିଟି ଏବଂ ପ୍ରଥମ ଜାତୀୟ ସ୍ତରୀୟ ୟୁଥ୍ ଫର୍ ୱାଟର 'ଜଳ ଓ ପରିବେଶ ପ୍ରଭାବ' ସମ୍ମାନ ଅନୁଗୋଳର ଉର୍ମିଳା ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟି କରିବାର ଆଉ ଏକ ପଦକ୍ଷେପ ସ୍ୱରୂପ 'ପ୍ଲାଷ୍ଟିକମୁକ୍ତ ସବୁଜ ପିକ୍‌ନିକ୍ ପୁରସ୍କାର' ଜାତୀୟ ସ୍ତରରେ ୩ଟି ରାଜ୍ୟ ତାମିଲନାଡ୍ରୁ, ଗୁଜରାଟ ଓ ଓଡ଼ିଶାକୁ ମିଳିଥିଲା।

ବିଶାଖା ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବୁନ୍ଦେଲଖଣ୍ଡ ସେବାସଂସ୍ଥାନର ବାସୁଦେବାଜୀ, ମହାରାଷ୍ଟ୍ରର ଶୁଭା କୁଲକର୍ଣ୍ଣି, ଟିସ ହାଇଦ୍ରାବାଦର ପ୍ରଫେସର ଡ. ବିଭୁ ନାୟକ ପ୍ରମୁଖ ଯୋଗଦେଇ ନଦୀଗୁଡ଼ିକର ସୁରକ୍ଷା ପାଇଁ ନିଜ ଉଦ୍ୟମରେ ନିଆଯାଉଥିବା କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ୱାଟରଏଡ ଇଣ୍ଡିଆର ଓଡ଼ିଶା ମୁଖ୍ୟ ଅନୁରାଗ ଗୁପ୍ତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ତମ୍ଭକାର ସରୋଜ ମହାନ୍ତି ଓ ଅର୍ଦ୍ଧେନ୍ଦୁ ଚାଟାର୍ଜୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସ୍ନେହା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ ବକ୍ତାଭାବେ କୁବେରନେନ ଇନିସିଏଟିଭର ନମ୍ରତା କାକ୍ରା, କ୍ୟାରିଟାସ ଇଣ୍ଡିଆର ଡ. ଭି.ଆର ହରିଦାସ, ୱେଟଲ୍ୟାଣ୍ଡ ଇଣ୍ଟରନ୍ୟାଶନାଲର ଦୟାର୍ଦ୍ର ମଣ୍ଡଳ ପ୍ରମୁଖ ନିଜ ନିଜର ସୁଚିନ୍ତିତ ମତ ରଖିଥିଲେ। ଜଳ ଜୀବନ ସମ୍ପର୍କିତ ୩ଟି ଚଳଚ୍ଚିତ୍ରର ପ୍ରଦର୍ଶନୀ ପରେ ପ୍ରଥମ ଦିନର କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଦୀପକ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଆକ୍ରମଣ, ଅଶ୍ଳୀଳ ଇଙ୍ଗିତ କରି ୪ ଗିରଫ

ଅନୁଗୋଳ, ୨୧।୩ (ଅମିତ କୁମାର ସାମଲ)

ଅନୁଗୋଳ ବସ୍ ଟର୍ମିନାଲଠାରେ ଗଣ୍ଡଗୋଳ ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମିଶ୍ରପଡ଼ା ଅଞ୍ଚଳର ଶିବୁ ଓରଫ ଅମ୍ବିକା ପ୍ରସାଦ ସାହୁ(୩୯), ଦେବଦତ୍ତ ନାୟକ(୩୭), ସଦର ଥାନା ଜରାସିଂହା ଅଞ୍ଚଳର ସନ୍ଦୀପ ସାହୁ(୨୩) ଓ ଜିତେନ୍ଦ୍ର ସାହୁ(୩୪)। ପୋଲିସ କହିଛି, ନୂଆ ବସ୍ ଟର୍ମିନାଲ ଠାରେ ପ୍ରତାପ ଚନ୍ଦ୍ର ସାହୁ ତାଙ୍କ ଅଟୋକୁ ପଛକୁ ନେଉଥିବା ସମୟରେ ଶିବୁଙ୍କ ପୁଅ ବସିଥିବା ସ୍କୁଟିରେ ତାହା ବାଜିଯାଇଥିଲା। ଏହାକୁ ନେଇ ଶିବୁ ଓ ତାଙ୍କ ସ୍ତ୍ରୀ ପ୍ରତାପଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସେ ଥାନରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଖବରପାଇ ପ୍ରତାପଙ୍କ ଘର ଲୋକେ ପହଞ୍ଚି ଅଭିଯୁକ୍ତା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଦୋକାନ ଭଙ୍ଗାରୁଜା କରିଥିଲେ। ଗଣ୍ଡଗୋଳକୁ ନେଇ ଆସିଥିବା ୨ଟି ଅଭିଯୋଗ ପରେ ପୋଲିସ ନଂ. ୨୪୭/୨୪ ଓ ୨୪୮/୨୪ରେ ମାମଲା ରୁଜୁ କର ମୋଟ ୪ ଜଣଙ୍କୁ ଗିରଫ କରିଛି।

# ବ୍ରୋଞ୍ଜ ପଦକ ହାସଲ କଲେ ସ୍ୱାଧୀନ

ଛେଣ୍ଡିପଦା, ୨୧।୩(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ପଞ୍ଚାୟତ କାରାଡାବାହାଳ ଗ୍ରାମର ନିରଞ୍ଜନ ମାଝିଙ୍କ ପୁତ୍ର ସ୍ୱାଧୀନ ମାଝି ସର୍ବଭାରତୀୟସ୍ତରରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗତ ୨୦ ତାରିଖରେ ବାଙ୍ଗାଲୋରଠାରେ ଆୟୋଜିତ ସର୍ବଭାରତୀୟ ହାଇଜମ୍ପ ପ୍ରତିଯୋଗିତାରେ ଯୋଗଦେଇ ତୃତୀୟ ସ୍ଥାନ ଅଧିକାର କରିବା ସହିତ ବ୍ରୋଞ୍ଜ ପଦକ ହାସଲ କରି କରିଛନ୍ତି। ଏହାପୂର୍ବରୁ ସେ ମଧ୍ୟ ବହୁ ପଦକ ହାସଲ କରି ଛେଣ୍ଡିପଦା ମାଟି ପାଇଁ ଗୌରବ ଆଣିଛନ୍ତି। ସ୍ୱାଧୀନଙ୍କ ସଫଳତାର ଖବର ପାଇବା ପରେ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।



ସର୍ବ ଭାରତୀୟସ୍ତରରେ ଉଚ୍ଚ ଡିଆଁରେ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍ୱାଧୀନ।

# ଡିକି ଭାଙ୍ଗି ୫୦ ହଜାର ଲୁଟ୍

ଅନୁଗୋଳ, ୨୧।୩(ଅମିତ କୁମାର ସାମଲ

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ନିକଟରେ ଗୁରୁବାର ଅପରାହ୍ନ ୩ଟା ବେଳେ ୫୦ ହଜାର ଟଙ୍କା ଲୁଟ୍ ହୋଇଛି। ସୂଚନା ଅନୁଯାୟୀ, ନାଲ୍‌କୋ ଥାନା କାଣ୍ଡସର ବଜାର ସାହିର ଦୁର୍ଯ୍ୟୋଧନ ସାହୁ (୫୦) ଅପରାହ୍ନରେ ଟଙ୍କା ଉଠାଇବାକୁ ଷ୍ଟେଟବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କରୁ ଟଙ୍କା ଉଠାଇ ସେ ତାହାକୁ ବାଇକ୍ ଡିକିରେ ରଖିଥିଲେ। ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ବ୍ୟାଙ୍କ ସମ୍ମୁଖ ରାସ୍ତାରେ ବାଇକ୍ ରଖି ସେ ଚା ପିଉଥିବା ବେଳେ କେହି ଦୁର୍ବୃତ୍ତ ଗାଡ଼ି ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ଏ ନେଇ ଦୁର୍ଯ୍ୟୋଧନ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି ।

# ବିରୁ ଗ୍ରାମରେ ଏକାଦଶୀ ଦୋଳ ଉତ୍ସବ

କଣିହାଁ, ୨୧।୩ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବିରୁ ଗ୍ରାମରେ ବୁଧବାର ଗ୍ରାମର ବାର୍ଷିକ ଉତ୍ସବ ତଥା ଦୋଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ରାଧାକୃଷ୍ଣଙ୍କୁ ବିମାନରେ ନେଇ ଘଣ୍ଟଘଣ୍ଟା, ଗଉଡବାଡି, ଢୋଲ ନିଶାଣ ସହିତ ପାରମ୍ପରିକ ଛତିତରାସ, ଘୋଡାନୃତ୍ୟ, ଆତସବାଜି ଓ ସୁନ୍ଦର ଆଲୋକ ସଜ୍ଜା ଏବଂ ଡିଜେ ସାଉଣ୍ଡ ମଧ୍ୟରେ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ବୟସ୍କଙ୍କଠୁ ଆରମ୍ଭ କରି ଯୁବକ ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ହୋଇଥିଲେ। ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅପେରା ପରିବେଷଣ ହୋଇଥିଲା। ବହୁ ସଂଖ୍ୟାରେ ଦୋକାନ ବଜାର ଯାତ୍ରା ପଡିଆରେ ଦେଖିବାକୁ ମିଳିଥିଲା। ବୁଧବାର ସନ୍ଧ୍ୟାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ଯାତ୍ରା ପଡିଆରେ ପ୍ରବଳ ଜନସମାଗମ ହୋଇଥିଲା। ଯାତ୍ରା ଉତ୍ସବ ନିମନ୍ତେ ଗ୍ରାମର ପ୍ରତି ଘରେ ବନ୍ଧୁ ବାନ୍ଧବଙ୍କ ଭିଡ଼ ହୋଇଥିବାବେଳେ ଲୋକମାନେ ମଧ୍ୟ ନିଜ ସମ୍ପର୍କୀୟଙ୍କ ଚର୍ଚ୍ଚା ନିମନ୍ତେ ସୁସ୍ୱାଦୁ ବ୍ୟଞ୍ଜନର ଆୟୋଜନ କରିଥିଲେ। ଉତ୍ସବ ପାଳନ ପାଇଁ ଗ୍ରାମ କମିଟିର ସମସ୍ତ ସଦସ୍ୟ, ଯୁବକ ସଂଘ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



# ଆଇଟି ଆପ୍ଲିକେଶନ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ

ଅନୁଗୋଳ, ୨୧।୩ (ଅମିତ କୁମାର ସାମଲ)

ସାଧାରଣ ନିର୍ବାଚନର ସଫଳ ପରିଚାଳନା ନିମନ୍ତେ ଏକ ଆଇଟି (ସୂଚନା ଓ ପ୍ରଯୁକ୍ତି) ପ୍ରଶିକ୍ଷଣ ଶିବିର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ନିର୍ବାଚନଜନିତ ଆଇଟି ଆପ୍ଲିକେଶନ ଯଥା- ସି ଭିଜିଲ, ସୁବିଧା ପୋର୍ଟାଲ, ଏନ୍‌କୋର ପୋର୍ଟାଲ ଆଦିର ବ୍ୟବହାର ଓ ସଫଳ କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। କୌଣସି ସ୍ଥାନରେ ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ ହେଲେ 'ସି ଭିଜିଲ' ମୋବାଇଲ ଆପ୍ ଜରିଆରେ ଲାଇଭ ଫଟୋ କିମ୍ବା ଭିଡିଓ ଅପ୍‌ଲୋଡ କରି ଜନସାଧାରଣ ନିଜ ଅଭିଯୋଗ ପଞ୍ଜୀକରଣ କରିପାରିବେ। ଅଭିଯୋଗ ପାଇବାର ୧୦୦ ମିନିଟ ମଧ୍ୟରେ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଏହାର ସମାଧାନ କରାଯିବ। ସେହିପରି ସୁବିଧା ପୋର୍ଟାଲ ଜରିଆରେ ସଭା, ରାଲି, ଶବ୍ଦ ବ୍ୟବସ୍ଥା ଇତ୍ୟାଦିର ଆଗୁଆ ଆବେଦନ ରାଜନୈତିକ ଦଳଗୁଡ଼ିକ କରିପାରିବେ। ଏହି ପୋର୍ଟାଲ ଜରିଆରେ ଆବଶ୍ୟକ ସମସ୍ତ ଦସ୍ତାବିଜ ଅପଲୋଡ କରି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିପାରିବେ। ଏହି ସବୁ ଆବେଦନର ଅନୁମତି ନିର୍ବାଚନ ଅଧିକାରୀଙ୍କ ଏନ କୋର୍ ପୋର୍ଟାଲ ଜରିଆରେ ଦେଇପାରିବେ। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧକ୍ଷ ସୁବ୍ରତ ଚାଟାର୍ଜୀଙ୍କ ସମେତ ଜିଲାର ସମସ୍ତ ଉପଜିଲାପାଳ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଆଇଟି କମିଟି ସଦସ୍ୟ, ଆରକ୍ଷୀ ବାହିନୀ, ଡେପୁଟି କଲେକ୍ଟର ମମତା ପ୍ରଧାନ ଓ ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ପ୍ରଶାସନିକ ଅଧିକାରୀମାନେ।

# ସବୁ ଅସମ୍ଭବକୁ ସମ୍ଭବ କରେ ଶିକ୍ଷା



ଆଠମଲ୍ଲିକ, ୨୧।୩ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରଥମାର୍ଦ୍ଧରେ ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ଚୈତନ୍ୟ ସାହୁ, ସମ୍ମାନିତ ଅତିଥି ଭାବରେ ଖୋଲପଦା ଯୁକ୍ତ୨ କଲେଜ ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଦେବରାଜ ନାୟକ, ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ସାମାଜିକ କର୍ମୀ ମହେଶ୍ୱର ଦେହୁରୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ସ୍କୁଲର ଟେକ ରଖିବା ସହ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ପୁରାତନ ଛାତ୍ର ସଂସଦ ସଭାପତି କ୍ଷୀରେନ୍ଦ୍ର ମୋହନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଧରଣୀଧର ନାଥ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ ସର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସିଦ୍ଧାର୍ଥ ପଣ୍ଡା, ସାହିତ୍ୟିକ ଶ୍ରୀବତ୍ସ ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟ, ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଶିକ୍ଷା ବ୍ୟବସ୍ଥାର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। କଠୋର ପରିଶ୍ରମ ସଫଳତାର ଚାବିକାଠି ବୋଲି ପରାମର୍ଶ ଦେବା ସହିତ ଶିକ୍ଷା ହିଁ ସବୁ ଅସମ୍ଭବକୁ ସମ୍ଭବ କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ର ସଂସଦ ଦ୍ୱାରା ଅନୁଷ୍ଠିତ ଏହି ସୁବର୍ଣ୍ଣ ଜୟନ୍ତୀରେ ସ୍ମରଣିକା 'ପଞ୍ଚଧାର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦାରା ମାନପାତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

# ପଲିଥିନ ବ୍ୟବହାର ବନ୍ଦ ହେବା ଆବଶ୍ୟକ

ମାଧପୁର, ୨୧।୩(ମନୋଜ ପ୍ରଧାନ)

ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳ ତରଫରୁ ବନାଞ୍ଚଳ ଅଧିକାରୀ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଷ୍ଟିକ ମୁକ୍ତ ପରିବେଶ ନିମନ୍ତେ ସଚେତନ ପଦଯାତ୍ରା ଏବଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସକାଳେ ମାଧପୁର ଉଚ୍ଚ ବିଦ୍ୟାଳୟ ଓ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପଦଯାତ୍ରା କରି ମାଧପୁର ବଜାର ପରିକ୍ରମା କରି ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସ୍ଲୋଗାନ ଦେଇଥିଲେ। ଏହାପରେ ସ୍ଥାନୀୟ ମାନଯୋର ସେଚ ପ୍ରକଳ୍ପ ବଙ୍ଗଳାଠାରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ. ଶ୍ରୀ ନନ୍ଦକିଶୋର ମହାକୁଡ, ଅନ୍ୟତମ ଅତିଥି ଭାବେ ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ବୈଦ୍ୟନାଥ ସାହୁ, ମାଧପୁର ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଶେଶ୍ୱର ତ୍ରିପାଠୀ ଉପସ୍ଥିତ ରହି ସୁସ୍ଥ ପରିବେଶ ପାଇଁ ପଲିଥିନର ବ୍ୟବହାରକୁ ବନ୍ଦ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଏହାପରେ ସେଠାରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ର ସଂଯୋଜକ ଦେବାନନ୍ଦ ନାୟକ, କ୍ଷେତ୍ର ସଂଯୋଜିକା ତନୁଶ୍ରୀ ବଘାର, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦଳପତି ଅମରେଶ ପ୍ରସାଦ ଦାସ, ବିକାଶ ଅଧିକାରୀ କୁମୁଦିନୀ ପାଣି, ବନପାଳ ଦୀପ୍ତିରଞ୍ଜନ ବିଶ୍ୱାଳ, ବନପାଳ ଶାନ୍ତନୁ ଦେହୁରୀ, ବନପାଳ ରମାକାନ୍ତ ସାହୁ, ବନରକ୍ଷୀ ମୋନାଲିସା ପ୍ରଧାନ, କବିତା ସାହୁ, ପରେଶ ପ୍ରଧାନ, ଉତ୍ତମ ମେହେର ସମେତ ବନାଞ୍ଚଳର କର୍ମଚାରୀ ସହଯୋଗ କରିଥିଲେ।






ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ(ଏଫ୍‌ଏଫ୍‌ଆଇ)ର ସହଯୋଗରେ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି (ଓଜେଜିୟୁ) ଦେଶର ସର୍ବବୃହତ୍ ମାନବ ଜାତୀୟ ପତାକା ତିଆରି କରି ଗିନିଜ୍ ୱାର୍ଲଡ ରେକର୍ଡ ସ୍ଥାପନ କରିଛି। ଏହି ଅବସରରେ ଓଜେଜିୟୁର ୭୩୬୮ ଜଣ ଛାତ୍ରୀଛାତ୍ର ଓ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ; ଯାହାକୁ ଗିନିଜ୍ ୱାର୍ଲଡ ରେକର୍ଡ୍ସ ସଂସ୍ଥାର ଅଧିକାରୀମାନେ ଅନୁମୋଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗିନିଜ୍ ୱାର୍ଲଡ ରେକର୍ଡର ବିଚାରକ ଋଷି ନାଥଙ୍କ ସମେତ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ଚାନ୍‌ସେଲର ତଥା ଫ୍ଲାଗ୍ ଫାଉଣ୍ଡେଶନର ପ୍ରେସିଡେଣ୍ଟ ନବୀନ ଜିନ୍ଦଲ ଏବଂ ପ୍ରତିଷ୍ଠାତା କୁଳପତି ପ୍ରଫେସର (ଡ) ସି.ରାଜକୁମାର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଲୁଚାଚୋରାରେ ଘରୋଇ ଜାଗାରେ ପଡ଼ୁଛି ଅଳିଆ

## କୁହୁଳିଲାଣି ଅସନ୍ତୋଷ ନିଆଁ

ଅନୁଗୋଳ, ୨୧।୩ (ଅମିତ କୁମାର ସାମଲ)



ଅନୁଗୋଳ ସହରରୁ ବାହାରୁଥିବା ଆବର୍ଜନା କେଉଁଠାରେ ପକାଯିବ ତାହାକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାର ଏଯାଏ ସମାଧାନ ହୋଇପାରୁ ନାହିଁ। ବିଭିନ୍ନ ୱାର୍ଡରୁ ଏ ନେଇ ବିରୋଧ ଉଠିବା ପରେ ପୌରପାଳିକା ପୁଣି ଗଳା ବାଟ ଖୋଜିଛି। ଏପରି କି ସହରରୁ ଅଳିଆ ନେଇ ଲୁଚାଚୋରାରେ ଘରୋଇ ଜାଗାରେ ଗଦାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ପଞ୍ଚମହଲାଠାରେ ଅସନ୍ତୋଷର ନିଆଁ କୁହୁଳୁଥିବା ଜଣାପଡ଼ିଛି। ଭଦ୍ରାମି ଦୃଷ୍ଟିରୁ ପୌରପାଳିକା ଯେଉଁଭଳି ଭାବେ ଘରୋଇ ଜାଗାରେ ଅଳିଆ ପକାଉଛି, ସେଭଳି ଉଠାଇ ନେବା ଦରକାର। ନଚେତ ପରିସ୍ଥିତି ଆଗକୁ ଭୟଙ୍କର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୮ ଦିନ ହେବ ଅନୁଗୋଳ ପୌରପାଳିକାରେ ଅଳିଆ ବିବାଦ ଦେଖାଦେଇଛି। ସହର ଅଳିଆ କେଉଁଠି ପଡ଼ିବ ତାକୁ ନେଇ ବଡ଼ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ୱାର୍ଡର କାଉନସିଲର ମଧ୍ୟ ତାଙ୍କ ୱାର୍ଡରେ ଅଳିଆ ଗଦାଇବାକୁ ବିରୋଧ କରୁଛନ୍ତି। ସ୍ଥାନୀୟ ଲୋକମାନଙ୍କ ମଧ୍ୟରୁ କିଏ ଠେଙ୍ଗାବାଡି ଧରି ଆଗୁକୁ ଆସୁଛି ତ ଆଉ କିଏ ଝାଡୁ ଧରି ବିରୋଧ କରୁଛନ୍ତି। ଇତିମଧ୍ୟରେ ପଞ୍ଚମହଲାରେ ଥିବା କିଛି ଘରୋଇ ଜାଗାରେ ପୌରପାଳିକା ଅଳିଆ ପକାଉଥିବାରୁ ଏଠାରେ ଅଳିଆ ଗଦାଇବା ପାଇଁ କିଏ ଅନୁମତି ପ୍ରଦାନ କଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଡମ୍ପିଂୟାର୍ଡରେ ଅଳିଆ ପଡ଼ିପାରୁ ନ ଥିବାରୁ ଖାଲି ଜାଗା ଦେଖି ଅଳିଆ ପକାଯାଉଛି।

